

# ବେସରକାରୀ କଣ୍ଟ୍ରାକ୍ଟରଙ୍କ ସହିତ ଆମେ ସେପ୍ଟିକ ଟାଙ୍କି ସଫା ଅପରେଟର୍ ଭାବରେ କାର୍ଯ୍ୟ କରୁ ।
# ମୁଁ ଜାଣେ ଯେ ଆମ ପରି, ଆପଣମାନଙ୍କ ମଧ୍ୟରୁ ଅନେକ ଏହି କୋଭିଡ -19 ମହାମାରୀ ସମୟରେ ନାଗରିକମାନଙ୍କୁ ମଧ୍ୟ ଏହି ସେବା ଯୋଗାଉଛନ୍ତି | ଏବଂ ସେଥିପାଇଁ ମୁଁ ଆପଣଙ୍କୁ ନୋଭେଲ୍ କରୋନା ଭାଇରସରୁ ରକ୍ଷା କରିବା ପାଇଁ

ବିଶେଷ ଦ୍ରଷ୍ଟବ୍ୟ: ଏହି ନିର୍ଦ୍ଦେଶଗୁଡ଼ିକ ନିୟମିତ କାର୍ଯ୍ୟ ପାଇଁ SOP ନୁହେଁ ବରଂ ପରିମଳ କର୍ମଚାରୀଙ୍କ ଦ୍ୱରା  ନିଆଯିବାକୁ ଥିବା ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ଦେବା ପାଇଁ ଉଦ୍ଦିଷ୍ଟ |

## ଆପଣ କାମ ପାଇଁ ଘରୁ ବାହାରିବା ପୂର୍ବରୁ,ଧ୍ୟାନ ଦେବା ଜିନିଷ ହେଲା -

1. ପୁରା ହାତ ଥିବା ଏବଂ ଫୁଲ୍ ଲମ୍ବା ପୋଷାକ ପିନ୍ଧନ୍ତୁ ।
2. ଯଦି କ୍ଷତ ଥାଏ, ତାକୁ ଜଳରହିତ ବ୍ୟାଣ୍ଡେଜ ସାହାଯ୍ୟରେ ଘୋଡାନ୍ତୁ ।
3. ନଗରପାଳିକା ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପାସ୍ ବହନ କରନ୍ତୁ ।
4. ହାତ ଧୋଇବା ପାଇଁ ପାଣି ଏବଂ ସାବୁନ ପାଖରେ ରଖନ୍ତୁ ।
5. ଗ୍ଲୋଭସ୍, ମାସ୍କ, ଆପ୍ରନ୍ (ଯଦି ମାସ୍କ ଉପଲବ୍ଧ ନଥାଏ, ତେବେ ନାକ ଏବଂ ପାଟି ଘୋଡାଇବା ପାଇଁ 2-3 ସ୍ତରରେ ଏକ ସଫା କପଡା ବ୍ୟବହାର କରନ୍ତୁ)
6. ଅତିରିକ୍ତ ପୋଷାକ ପାଖରେ ରଖନ୍ତୁ ।

## ଯେତେବେଳେ ଆପଣ କାର୍ଯ୍ୟକ୍ଷେତ୍ରରେ ପହଞ୍ଚିବେ, ଧ୍ୟାନ ଦେବା ଜିନିଷ ହେଲା-

1. ସାବୁନରେ ହାତ ଧୁଅନ୍ତୁ ।
2. ସୁପାରିଶ କରାଯାଇଥିବା ପଦକ୍ଷେପ ଅନୁଯାୟୀ PPE ପିନ୍ଧନ୍ତୁ (ଯଦି କ୍ଷତିଗ୍ରସ୍ତ ହୁଏ, ବଦଳାଇବାକୁ ଅଧିକାରୀଙ୍କୁ କୁହନ୍ତୁ)
3. କେବଳ PPE ପିନ୍ଧିବା ପରେ ସଫା କରିବା ଉପକରଣ ଏବଂ ଯାନକୁ ଧରନ୍ତୁ ।
4. ଗାଡିରେ ପାଣି, ସାବୁନ୍ / ଆଲ୍‌କହଲ୍ ଭିତ୍ତିକ ସାନିଟାଇଜର ରଖନ୍ତୁ।
5. ଦୂରତା ବଜାୟ ରଖିବା ପାଇଁ ଆସନଗୁଡିକର ବିପରୀତ କୋଣରେ ବସନ୍ତୁ ।
6. ପିନ୍ଧିବା ସମୟରେ ଆଖି, ନାକ, ପାଟି ଏବଂ ମାସ୍କକୁ ଛୁଇଁବା ଠାରୁ ଦୂରେଇ ରୁହନ୍ତୁ ।

## ଯେତେବେଳେ ଆପଣ କାମ ଆରମ୍ଭ କରିବେ, ଧ୍ୟାନ ଦେବା ଜିନିଷ ହେଲା-

1. ଲୋକଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଦୂରତା ବଜାୟ ରଖନ୍ତୁ ।
2. ନିଷ୍କାସିତ ଅଞ୍ଚଳକୁ ବ୍ୟାରିକେଡ୍ କରନ୍ତୁ ।
3. ମଳ ନିଷ୍କାସନ ପାଇପ୍ ଗ୍ଲୋଭସ୍ ପିନ୍ଧି ଧରନ୍ତୁ ।
4. ମଳ ଖାଲି ହେବା ପରେ ପାଇପ୍ ଏବଂ ବ୍ୟାରିକେଡ୍ ବିଶୋଧନ କରନ୍ତୁ ।
5. Lime powder — ଯଦି ମଳ ପଡିଥାଏ, ସେଠାରେ ଚୂନ ପାଉଡର ଛିଞ୍ଚନ୍ତୁ ।
6. ମଳଯୁକ୍ତ ଆବର୍ଜନାର ସଂସ୍ପର୍ଶରେ ଆସିବା ମାତ୍ରେ ହାତ ଧୁଅନ୍ତୁ ।
7. ରାସାୟନିକ ବିଶୋଧନ ବ୍ୟବହାର କରି ନିଷ୍କାସନ ସମୟରେ ବ୍ୟବହୃତ ଯାନ ଏବଂ ଅନ୍ୟାନ୍ୟ ଉପକରଣକୁ ବିଶୋଧନ ଦିଅନ୍ତୁ

## ଯେତେବେଳେ ଆପଣ କାର୍ଯ୍ୟାଳୟକୁ ଫେରିବେ (ସ୍ଥାନାନ୍ତର ଷ୍ଟେସନ / ୱାର୍ଡ ଅଫିସ୍ ଇତ୍ୟାଦି)

- ସୁରକ୍ଷା ଉପକରଣ କାଢନ୍ତୁ ।
- ହାତ ଓ ମୁହଁ ଧୁଅନ୍ତୁ ।
- କପଡା ବଦଳାନ୍ତୁ
- କପଡା ଏବଂ ସୁରକ୍ଷା ଉପକରଣ ଗୁଡିକୁ କୀଟନାଶକରେ ଶୁଦ୍ଧ କରନ୍ତୁ
- ସୁରକ୍ଷା ଉପକରଣ ଗୁଡିକୁ ଖରାରେ ଟାଙ୍ଗି ଦିଅନ୍ତୁ
- ମାସ୍କ ପିନ୍ଧନ୍ତୁ ଏବଂ ଘରକୁ ଫେରନ୍ତୁ

ଯଦି ଆପଣଙ୍କର କାଶ, ସର୍ଦ୍ଦି ବା ଜ୍ୱର ଆସେ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ଆସନ୍ତୁ ଆମର ସୁରକ୍ଷା ସୁନିଶ୍ଚିତ କରି ଜୀବାଣୁକୁ ପରାସ୍ତ କରିବା ।**

ପରିମଳ କାର୍ଯ୍ୟ ପାଇଁ ସୁରକ୍ଷା ଏବଂ ସମ୍ମାନ | |Urban Management Centre with support from BMGF | manvita@umcasia.org